କେରଳ ରାଜ୍ୟ

ବନାମ

ଏମ୍. ଏସ୍. ମଣି ଏବଂ ଅନ୍ୟମାନେ

ସେପ୍ଟେମ୍ବର 6, 2001

[ସୟଦ ଶାହ ମହମ୍ମଦ କ୍ୱାଦରୀ ଏବଂ ଏସ୍.ଏନ୍. ଫୁକାନ, ନ୍ୟାୟମୂର୍ତ୍ତିଦ୍ୱୟ]

*ନ୍ୟାୟାଳୟ ଅବମାନନା ଅଧିନିୟମ, 1971 :*

*ଧାରା 15 (b) ଏବଂ (3), ବ୍ୟାଖ୍ୟା - ଧାରା 14 ଅଧୀନରେ ସୂଚିତ ଅବମାନନା ବ୍ୟତୀତ ଅନ୍ୟ ଅପରାଧିକ ଅବମାନନା - ର ସଂଜ୍ଞାନ - ମହାଧିବକ୍ତାଙ୍କ ସମ୍ମତି - ଉଦ୍ଦେଶ୍ୟ - ଅବମାନନା ଆବେଦନ ଦାଖଲ କରିବା ପରେ ସମ୍ମତି ପ୍ରାପ୍ତ - ଏହାର ପ୍ରଭାବ - ତା 17.5.1999 ରିଖରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ଦାଖଲ ହୋଇଥିବା ଅବମାନନା ଆବେଦନ - ଉତ୍ତରଦାତାମାନଙ୍କ ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟଙ୍କ ମର୍ଯ୍ୟାଦା ଏବଂ କ୍ଷମତାକୁ କ୍ଷୁର୍ଣ୍ଣ କରାଯାଇଥିବା ଅଭିଯୋଗ - ତା 11.5.2000 ରିଖରେ ଆଟର୍ଣ୍ଣି ଜେନେରାଲଙ୍କ ସମ୍ମତି ପ୍ରାପ୍ତ - ଅବମାନନା ଆବେଦନ ଦାଖଲ କରିବା ପୂର୍ବରୁ ଆଟର୍ଣ୍ଣି ଜେନେରାଲ/ସଲିସିଟର ଜେନେରାଲଙ୍କ ସମ୍ମତି ପ୍ରାପ୍ତ ହୋଇନଥିବାରୁ ଅବମାନନା ଆବେଦନର ଅନୁରକ୍ଷଣୀୟତା ସମ୍ପର୍କରେ ଉତ୍ତରଦାତାମାନଙ୍କ ଦ୍ୱାରା ପ୍ରାରମ୍ଭିକ ଆପତ୍ତି - ନିର୍ଣ୍ଣୟ କରାଗଲା, ଧାରା 15 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏକ ବୈଧ ପ୍ରସ୍ତାବ ପାଇଁ, ଧାରା 15 ର ବ୍ୟବସ୍ଥାଗୁଡ଼ିକର ଅନୁପାଳନ କରିବା ବାଧ୍ୟତାମୂଳକ - ଧାରା 15 ଅନୁଯାୟୀ ଉତ୍ତରଦାତାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରସ୍ତାବ ଆଟର୍ଣ୍ଣି ଜେନେରାଲ କିମ୍ବା ସଲିସିଟର ଜେନେରାଲଙ୍କ ସମ୍ମତିରେ କରାଯାଇ ନଥିଲା ଏବଂ ତେଣୁ, ଏହା ଅସମର୍ଥ - ପରବର୍ତ୍ତୀ ସମୟରେ ସମ୍ମତି ପ୍ରାପ୍ତ କରିବା ଦ୍ୱାରା ପ୍ରାରମ୍ଭିକ ତ୍ରୁଟି ଦୂର ହୁଏ ନାହିଁ, ଯାହା ଦ୍ୱାରା ଅଯୋଗ୍ୟ ପ୍ରସ୍ତାବକୁ ଏକ ଅନୁରକ୍ଷଣୀୟ ଆବେଦନରେ ପରିଣତ କରାଯାଇପାରିବ - ଅବମାନନା ବିଜ୍ଞପ୍ତି ଜାରି କରାଯାଇଛି - ନ୍ୟାୟାଳୟର ଅବମାନନା ଅଧିନିୟମ, 1981 (ୟୁ.କେ.) - ଧାରା 7 ।*

*କନସାଇନ୍ସିୟସ ଗ୍ରୁପ ବନାମ ମହମ୍ମଦ ୟୁନୁସ ଏବଂ ଅନ୍ୟମାନେ,* [1987] 3 SCC 89 ଏବଂ *ପି.ଏନ୍. ଡୁଡା ବନାମ ପି. ଶିବଶଙ୍କର ଏବଂ ଅନ୍ୟମାନେ,* [1988] 3 SCC 167 ଉପରେ ନିର୍ଭର କରାଯାଇଥିଲା ।

*ବି.କେ. ମିଶ୍ର ବନାମ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି,* AIR (1974) ଓଡ଼ିଶା 1 : *ଶ୍ରୀ ହରିଶ ଚନ୍ଦ୍ର ମିଶ୍ର ଏବଂ ଅନ୍ୟମାନେ ବନାମ ମାନ୍ୟବର ନ୍ୟାୟମୂର୍ତ୍ତି, ଶ୍ରୀ ଏ.ଅଲି. ଅହମ୍ମଦ,* AIR (1986) ପାଟନା 85 ଏବଂ *ବିଶ୍ୱନାଥ ବନାମ ଇ.ଏସ୍. ଭେଙ୍କଟରମୈୟା ଏବଂ ଅନ୍ୟମାନେ,* (1990) Crl. J. 2179, (ବମ୍ବେ), ଅନୁମୋଦିତ ।

# ରାଜ୍ୟ ବନାମ ଏମ୍.ଏସ୍. ମଣି

*ବୋରି ଏବଂ ଲୋୱେ - ଅବମାନନା ଆଇନ, 3ୟ ସଂସ୍କରଣ ପୃ. 481 (ଟିପ୍ପଣୀ 14),* **ଉଲ୍ଲେଖ କରାଯାଇଛି ।**

ଦେୱାନୀ ମୂଳ ଅଧିକାରିତା : ଅବମାନନା ଆବେଦନ (C) ସଂଖ୍ୟା 280/1999 ।

ଦେୱାନୀ ଆବେଦନ ସଂଖ୍ୟା 1466/2000 ରେ ।

ଡବ୍ଲୁ.ଏ. ସଂଖ୍ୟା 343/1997 ରେ କେରଳ ଉଚ୍ଚ ନ୍ୟାୟାଳୟଙ୍କ ତା 15.12.98 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ କେ.ଆର. ଶଶିପ୍ରଭୁ ।

ଉତ୍ତରଦାତାମାନଙ୍କ ପାଇଁ କେ. ସୁକୁମାରନ୍, ଇ.ଏମ୍.ଏସ୍. ଆନାମ ଏବଂ ଫଜଲିନ୍ ଆନାମ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଖବରକାଗଜର ପ୍ରଥମ ପୃଷ୍ଠାରେ ତିନି ସ୍ତମ୍ଭ ସମ୍ବାଦ ପ୍ରକାଶ କରି ଉତ୍ତରଦାତାମାନେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ମର୍ଯ୍ୟାଦା ଏବଂ କ୍ଷମତାକୁ କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ କରି ଏହି ଅବମାନନା ଆବେଦନ କେରଳ ରାଜ୍ୟ ଦ୍ୱାରା ଦାଖଲ କରାଯାଇଛି । "କେରଳ କୌମୁଦି " ମେ 5, 1999 ରେ । ଉକ୍ତ ସ୍ତମ୍ଭରେ ଆରୋପିତ ଅବମାନନାକାରୀ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଜଣେ ବରିଷ୍ଠ ଅଧିବକ୍ତା ଶ୍ରୀ କେ.ଏନ୍. ଭଟ୍ଟ, କେରଳ ରାଜ୍ୟର ମହାଧିବକ୍ତା ଶ୍ରୀ ଏମ୍.କେ. ଦାମୋଦରନ୍ ଏବଂ କେରଳ ରାଜ୍ୟର ସ୍ଥାୟୀ ଓକିଲ ଶ୍ରୀ ଜି. ପ୍ରକାଶଙ୍କ ବିରୋଧରେ ଏହି ନ୍ୟାୟାଳୟରେ ସି.ଏ. ସଂଖ୍ୟା 1466/2000 ର ଆଚରଣ ଶୈଳୀରେ ଅପମାନସୂଚକ, ବିଦ୍ୱେଷପୂର୍ଣ୍ଣ ନିନ୍ଦନୀୟ, ମାନହାନିକର ଏବଂ ଅପବାଦ ବିଷୟରେ ଆରୋପୀୟ ସମାଲୋଚନା କରିଥିଲେ ।

ଏହି ନ୍ୟାୟାଳୟ ଅଗଷ୍ଟ 9, 1999 ରେ ଅବମାନନା ଆବେଦନ ଉପରେ ବିଜ୍ଞପ୍ତି ଜାରି କରିଥିଲେ । ହାଜର ହେବା ପରେ ଉତ୍ତରଦାତାମାନେ ପ୍ରାରମ୍ଭିକ ଆପତ୍ତି ଉଠାଇଥିଲେ ଯେ, ନ୍ୟାୟାଳୟ ଅବମାନନା ଅଧିନିୟମର ଧାରା 15 ଅନୁଯାୟୀ ବିଦ୍ୱାନ ଆଟର୍ଣ୍ଣି ଜେନେରାଲ/ସଲିସିଟର ଜେନେରାଲଙ୍କ ସମ୍ମତି ଅବମାନନା ଆବେଦନ ଦାଖଲ କରିବା ପୂର୍ବରୁ ପ୍ରାପ୍ତ ହୋଇନଥିବାରୁ, ଅବମାନନା ଆବେଦନଟି ଅନୁରକ୍ଷଣୀୟ ନୁହେଁ । ଆବେଦନକାରୀଙ୍କ ବିଦ୍ୱାନ ଓକିଲ ଆମ ଦୃଷ୍ଟିକୁ ଆଣିଛନ୍ତି ଯେ ଅଧିନିୟମର ଧାରା 15 ର ଉପ-ଧାରା (1) ଦ୍ୱାରା ମନସ୍ଥ କରାଯାଇଥିବା ସମ୍ମତି 11 ମଇ, 2000 ରେ ପ୍ରାପ୍ତ ହୋଇଛି ଏବଂ ନିବେଦନ କରିଛନ୍ତି ଯେ ଆବେଦନଟି ଅନୁରକ୍ଷଣୀୟ ହେବ ।

ଉପରୋକ୍ତ ବିବାଦକୁ ଦୃଷ୍ଟିରେ ରଖି, ନ୍ୟାୟାଳୟ ଅବମାନନା ଅଧିନିୟମ, 1971 ର ଧାରା 15 ର ପ୍ରାସଙ୍ଗିକ ବ୍ୟବସ୍ଥାଗୁଡିକୁ ପଢ଼ିବା ଉପଯୋଗୀ ହୋଇପାରେ :

"15. ଅନ୍ୟ ମାମଲାରେ ସଂଜ୍ଞାନ କିମ୍ବା ଫୌଜଦାରୀ ଅବମାନନା : - (1) ଧାରା 14 ରେ ଉଲ୍ଲେଖିତ ଅବମାନନା ବ୍ୟତୀତ ଅନ୍ୟ ଏକ ଫୌଜଦାରୀ ଅବମାନନା ମାମଲାରେ, ସର୍ବୋଚ୍ଚ ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟ ନିଜସ୍ୱ ପ୍ରସ୍ତାବ ଉପରେ କିମ୍ବା ନିମ୍ନଲିଖିତ ଦ୍ୱାରା କରାଯାଇଥିବା ପ୍ରସ୍ତାବ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ -

(a) ମହାଧିବକ୍ତା କିମ୍ବା

(b) ଅନ୍ୟ କୌଣସି ବ୍ୟକ୍ତି, ମହାଧିବକ୍ତାଙ୍କ ଲିଖିତ ସମ୍ମତି ସହିତ କିମ୍ବା

**** **** **** ****

**** **** **** ****

'(3) ଏହି ଧାରା ଅନୁଯାୟୀ କରାଯାଇଥିବା ପ୍ରତ୍ୟେକ ପ୍ରସ୍ତାବ କିମ୍ବା ସନ୍ଦର୍ଭରେ ସେହି ଅବମାନନା ବିଷୟରେ ନିର୍ଦ୍ଦିଷ୍ଟ କରାଯିବ ଯେଉଁଥିରେ ଅଭିଯୁକ୍ତ ବ୍ୟକ୍ତି ଦୋଷୀ ବୋଲି ଅଭିଯୋଗ କରାଯାଇଛି ।

ବ୍ୟାଖ୍ୟା : - ଏହି ଧାରାରେ "ମହାଧିବକ୍ତା" ଅଭିବ୍ୟକ୍ତିର ଅର୍ଥ ହେଉଛି -

(a) ସର୍ବୋଚ୍ଚ ନ୍ୟାୟାଳୟ ସମ୍ପର୍କରେ ଆଟର୍ଣ୍ଣି ଜେନେରାଲ କିମ୍ବା ସଲିସିଟର ଜେନେରାଲ ;

(b) ଉଚ୍ଚ ନ୍ୟାୟାଳୟ ସମ୍ପର୍କରେ ସେହି ରାଜ୍ୟ କିମ୍ବା ଯେଉଁ ରାଜ୍ୟ ପାଇଁ ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠିତ ହୋଇଛି, ତାହାର ମହାଧିବକ୍ତା ;

(c) ନ୍ୟାୟିକ ଆୟୁକ୍ତଙ୍କ ନ୍ୟାୟାଳୟ ସମ୍ପର୍କରେ, କେନ୍ଦ୍ର ସରକାରଙ୍କ ସରକାରୀ ରାଜପତ୍ରରେ ଅଧିସୂଚନା ଦ୍ୱାରା, ଏହି ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ କରୁଥିବା ଆଇନ ଅଧିକାରୀ ।"

ଧାରା 15 ର ଉପଧାରା (1) ର ଖଣ୍ଡ (a) ଏବଂ (b) ର ଅଧ୍ୟୟନରୁ ଏହା ସ୍ପଷ୍ଟ ହୋଇଥାଏ ଯେ ଫୌଜଦାରୀ ଅବମାନନା ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟ ନିଜସ୍ୱ ପ୍ରସ୍ତାବ କିମ୍ବା ମହାଧିବକ୍ତାଙ୍କ ଦ୍ୱାରା କରାଯାଇଥିବା ପ୍ରସ୍ତାବ କିମ୍ବା ମହାଧିବକ୍ତାଙ୍କ ଲିଖିତ ସମ୍ମତିରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ପ୍ରସ୍ତାବ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ । ଏଥିରେ କୌଣସି ବିବାଦ ନାହିଁ ଯେ ଅଧିନିୟମର ଧାରା 2 ର ଖଣ୍ଡ (c) ଅନୁଯାୟୀ ଅଭିଯୋଗ କରାଯାଇଥିବା ଅବମାନନା, ଫୌଜଦାରୀ ଅବମାନନା ଅର୍ଥ ମଧ୍ୟରେ ଅଛି । ଧାରା 15 ର ଉପଧାରା (1) ର ଖଣ୍ଡ (b) ରୁ ଏହା ସ୍ପଷ୍ଟ ଯେ ମହାଧିବକ୍ତାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବ ମହାଧିବକ୍ତାଙ୍କ ଲିଖିତ ପୂର୍ବ ସମ୍ମତିରେ ହେବା ଆବଶ୍ୟକ । ଇଂଲିଶ୍ ନ୍ୟାୟାଳୟ ଅବମାନନା ଅଧିନିୟମ, 1981 ର ଧାରା 7 ରେ ଏକ ଅନୁରୂପ ବ୍ୟବସ୍ଥା ଦେଖିବାକୁ ମିଳିବ ।

'ମହାଧିବକ୍ତା' ଅଭିବ୍ୟକ୍ତିଟି ଅଧିନିୟମର ଧାରା 15ର ବ୍ୟାଖ୍ୟାରେ ପରିଭାଷିତ ହୋଇଛି । ବ୍ୟାଖ୍ୟାର ଖଣ୍ଡ (a) ରେ କୁହାଯାଇଛି ଯେ ସର୍ବୋଚ୍ଚ ନ୍ୟାୟାଳୟ ସମ୍ପର୍କରେ ଧାରା 15 ର ଉଦ୍ଦେଶ୍ୟରେ 'ମହାଧିବକ୍ତା' ଶବ୍ଦଟି

ଆଟର୍ଣ୍ଣି ଜେନେରାଲ କିମ୍ବା ସଲିସିଟର ଜେନେରାଲଙ୍କୁ ବୁଝାଇବ । ବ୍ୟାଖ୍ୟା (b) ଏବଂ (c) ଆମର ଉଦ୍ଦେଶ୍ୟ ପାଇଁ ପ୍ରାସଙ୍ଗିକ ନୁହେଁ । ତେଣୁ, ଏହା ସ୍ପଷ୍ଟ ଯେ ଯଦି ଆଟର୍ଣ୍ଣି ଜେନେରାଲ୍/ସଲିସିଟର୍ ଜେନେରାଲଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଫୌଜଦାରୀ ଅବମାନନା ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ପ୍ରସ୍ତାବ ଦିଅନ୍ତି, ତେବେ ଏହି ପ୍ରସ୍ତାବ ସହିତ 'ଆଟର୍ଣ୍ଣି ଜେନେରାଲ୍/ସଲିସିଟର୍ ଜେନେରାଲ୍' ଙ୍କ ଲିଖିତ ସମ୍ମତି ରହିବା ଆବଶ୍ୟକ । ଏହି ମାମଲାରେ, ସ୍ୱୀକାରଯୋଗ୍ୟ ଯେ, ଏହି ପ୍ରସ୍ତାବ ସହିତ ଆଟର୍ଣ୍ଣି ଜେନେରାଲ/ସଲିସିଟର ଜେନେରାଲଙ୍କ ଲିଖିତ ସମ୍ମତି ନଥିଲା ।

ଉକ୍ତ ଆଇନ ଅଧିକାରୀଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଉଚ୍ଚ ନ୍ୟାୟାଳୟ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟରେ ଫୌଜଦାରୀ ଅବମାନନା ମାମଲାରେ ଆବେଦନ କଲେ ମହାଧିବକ୍ତା/ଆଟର୍ଣ୍ଣି ଜେନେରାଲ/ସଲିସିଟର ଜେନେରାଲଙ୍କ ସହମତିର ଆବଶ୍ୟକତା, ଯଥାସ୍ଥିତି, କେବଳ ଏକ ଔପଚାରିକତା ନୁହେଁ, ଏହାର ଏକ ହିତକର ଉଦ୍ଦେଶ୍ୟ ରହିଛି । ଉକ୍ତ ଆଇନ ଅଧିକାରୀମାନେ ରାଜ୍ୟ/କେନ୍ଦ୍ର ସ୍ତରରେ ସର୍ବୋଚ୍ଚ ଆଇନ ଅଧିକାରୀ ଏବଂ ନ୍ୟାୟାଳୟର ଅଧିକାରୀ ମଧ୍ୟ ହୋଇଥିବାରୁ ସେମାନେ ନ୍ୟାୟ ପ୍ରଶାସନର ଶୁଦ୍ଧତା ଏବଂ ନ୍ୟାୟାଳୟର ମର୍ଯ୍ୟାଦା ରକ୍ଷା କରିବାରେ ଅତ୍ୟନ୍ତ ଆଗ୍ରହୀ । ସେମାନେ ଯାଞ୍ଚ କରିବେ ଯେ ପ୍ରସ୍ତାବିତ ଫୌଜଦାରୀ ଅବମାନନା ପ୍ରସ୍ତାବରେ ଥିବା ଯୁକ୍ତିଗୁଡିକ ଜନସ୍ୱାର୍ଥ କିମ୍ବା ବ୍ୟକ୍ତିଗତ ପ୍ରତିଶୋଧକୁ ସମର୍ଥନ କରୁଛି କି ନାହିଁ ଏବଂ ଉକ୍ତ ବ୍ୟବସ୍ଥାଗୁଡ଼ିକରେ ଉପସ୍ଥାପିତ ସମ୍ମତିକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବେ । ଆହୁରି ଯେଉଁ ମାମଲାଗୁଡ଼ିକ ଆପତ୍ତିଜନକ, ବିଦ୍ୱେଷପୂର୍ଣ୍ଣ କିମ୍ବା ବ୍ୟକ୍ତିଗତ ପ୍ରତିଶୋଧ ଦ୍ୱାରା ପ୍ରେରିତ ଏବଂ ଜନସ୍ୱାର୍ଥରେ ନୁହେଁ ବୋଲି ଜଣାପଡ଼ିବ, ସେଗୁଡ଼ିକୁ ସେହି ସ୍ତରରେ ବାଛି ଅଲଗା କରାଯିବ । ଯଦି ଉଚ୍ଚ ନ୍ୟାୟାଳୟ/ସର୍ବୋଚ୍ଚ ନ୍ୟାୟାଳୟରେ ଫୌଜଦାରୀ ଅବମାନନା ପ୍ରସ୍ତାବରେ ଉପରୋକ୍ତ ଆଇନ ଅଧିକାରୀଙ୍କ ଲିଖିତ ସମ୍ମତି ନଥାଏ, ତେବେ ପୂର୍ବ ସମ୍ମତି ଆବଶ୍ୟକତାର ଉଦ୍ଦେଶ୍ୟ ବ୍ୟର୍ଥ ହେବ । ଏକ ବୈଧ ପ୍ରସ୍ତାବ ପାଇଁ ଅଧିନିୟମର ଧାରା 15 ର ଆବଶ୍ୟକତାକୁ ଅନୁପାଳନ କରିବା ବାଧ୍ୟତାମୂଳକ ଅଟେ । ଧାରା 15 ଅନୁଯାୟୀ ଏକ ପ୍ରସ୍ତାବ ଯାହା ଧାରା 15 ର ବ୍ୟବସ୍ଥା ସହିତ ଅନୁରୂପ ନୁହେଁ, ତାହା ଅନୁରକ୍ଷଣୀୟ ନୁହେଁ । [*କନସାଇନ୍ମିୟସ ଗ୍ରୁପ ବନାମ ମହମ୍ମଦ ୟୁନୁସ ଏବଂ ଅନ୍ୟମାନେ,* [1987] 3 SCC 89 ଏବଂ *ପି.ଏନ. ଡୁଡା ବନାମ ପି. ଶିବ ଶଙ୍କର ଏବଂ ଅନ୍ୟମାନେ,* [1988] 3 SCC 167 ଦେଖନ୍ତୁ ।] ଏହି ପ୍ରସଙ୍ଗ ଦୃଷ୍ଟିରୁ *ବି.କେ. ମିଶ୍ର ବନାମ ମୁଖ୍ୟ ବିଚାରପତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ,* AIR (1974) ଓଡ଼ିଶା 1 ମାମଲାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ, *ଶ୍ରୀ ହରିଶ ଚନ୍ଦ୍ର ମିଶ୍ର ଏବଂ ଅନ୍ୟମାନେ ବନାମ ମାନ୍ୟବର ବିଚାରପତି ଶ୍ରୀ ଅଲି ଅହମ୍ମଦ,* AIR (1986) ପାଟନା 65 ମାମଲାରେ ପାଟନା ଉଚ୍ଚ ନ୍ୟାୟାଳୟ ଏବଂ *ବିଶ୍ୱନାଥ ବନାମ ଇ.ଏସ୍. ଭେଙ୍କଟରାମୈୟା ଏବଂ ଅନ୍ୟମାନେ,* (1990) Crl. L. J. 2179 ବମ୍ବେ ମାମଲାରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆଇନ ସଠିକ୍ ଭାବରେ ସ୍ଥିର କରାଯାଇଛି । ଆମେ ଏଠାରେ ଏହା ମଧ୍ୟ ଉଲ୍ଲେଖ କରିପାରିବା ଯେ ଉପରେ ଉଲ୍ଲେଖ କରାଯାଇଥିବା ଇଂଲିଶ୍ ନ୍ୟାୟାଳୟ ଅବମାନନା ଅଧିନିୟମ, 1981ର ଧାରା 7ର ଅନୁପାଳନ ନ କରିବା ଏହି କାର୍ଯ୍ୟ ପାଇଁ ମାରାତ୍ମକ ବୋଲି ଧରାଯାଇଥିଲା । [ବୋରି ଏବଂ ଲୋୱେ - ଅବମାନନା ଆଇନ 3ୟ ସଂସ୍କରଣ, ପୃ. 481 (ଟିପ୍ପଣୀ 14)] ।

ଏଠାରେ, 17 ମଇ 1999 ରେ ଅବମାନନା ଆବେଦନ ଦାଖଲ କରାଯାଇଥିଲା ଏବଂ ବିଦ୍ୱାନ ଆଟର୍ଣ୍ଣି ଜେନେରାଲଙ୍କ ସମ୍ମତି 11 ମଇ 2000 ରେ ପ୍ରାପ୍ତ ହୋଇଥିଲା । ତେବେ, ଆବେଦନକାରୀ ପାଇଁ ବିଦ୍ୱାନ ଓକିଲଙ୍କ ଦ୍ୱାରା ଉପସ୍ଥାପନ କରାଯାଇଛି ଯେ ବର୍ତ୍ତମାନ ଧାରା 15 ର ପାଳନ କରାଯାଇଛି । ଏହି ଯୁକ୍ତିକୁ ଆମେ ସ୍ୱୀକାର କରିପାରିବୁ ନାହିଁ । ବାସ୍ତବତା ହେଉଛି ଯେ ଧାରା 15 ଅନୁଯାୟୀ ଉତ୍ତରଦାତାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରସ୍ତାବ ବିଦ୍ୱାନ ଆଟର୍ଣ୍ଣି ଜେନେରାଲ କିମ୍ବା ସଲିସିଟର ଜେନେରାଲଙ୍କ ସମ୍ମତିରେ କରାଯାଇ ନଥିଲା ଏବଂ ତେଣୁ ଏହା ଅସମର୍ଥ । ଆମ ମତରେ, ପରବର୍ତ୍ତୀ ସମୟରେ ସମ୍ମତି ପ୍ରାପ୍ତ କରିବା ଦ୍ୱାରା ପ୍ରାରମ୍ଭିକ ତ୍ରୁଟି ଦୂର ହୁଏ ନାହିଁ, ଯାହାଦ୍ୱାରା ଅଯୋଗ୍ୟ ପ୍ରସ୍ତାବକୁ ଏକ ଅନୁରକ୍ଷଣୀୟ ଆବେଦନରେ ପରିଣତ କରାଯାଇପାରିବ ।

ଉପରୋକ୍ତ କାରଣଗୁଡିକ ପାଇଁ ଆମେ ଅବମାନନା ବିଜ୍ଞପ୍ତିକୁ ଖାରଜ କରୁଛୁ ଏବଂ ଏହି ଅବମାନନା ଆବେଦନକୁ ଖାରଜ କରୁଛୁ ।

ଆର୍.ପି. ଅବମାନନା ଆବେଦନ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।